# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଯୋଜନା ଓ ଜନହୀତକାରୀ କାର୍ଯ୍ୟକ୍ରମ

୧. **ବିନାମୂଲ୍ୟରେ ଆମ୍ବୁଲାନ୍ସ ସେବା:** ସମସ୍ତ ପ୍ରକାର ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ,ଗର୍ଭବତୀ ମହିଳାଙ୍କୁ ତୁରନ୍ତ ଡାକ୍ତରଖାନା ନେବା ପାଇଁ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ନିମନ୍ତେ '୧୦୮' ଟୋଲ ଫ୍ରି ନମ୍ବରରେ ଫୋନ୍ କରି ବିନାମୂଲ୍ୟରେ ଦିନ ରାତି ଯେକୌଣସି ସମୟରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ପାଇପାରୁଛନ୍ତି । ସେହିଭଳି ରାଜ୍ୟର ସମସ୍ତ ଗର୍ଭବତୀ ମହିଳାଙ୍କୁ ପ୍ରସବ ପୂର୍ବବର୍ତ୍ତୀ, ପ୍ରସବ ସମୟରେ ଓ ପ୍ରସବ ପରେ ୪୨ ଦିନ ପର୍ଯ୍ୟନ୍ତ ଚିକିତ୍ସା ଓ ୧ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ଘରୁ ଡାକ୍ତରଖାନା ଏବଂ ଆବଶ୍ୟକ ସ୍ଥଳରେ ଗୋଟିଏ ଡାକ୍ତରଖାନାରୁ ଉଚ୍ଚତର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେବାଆଣିବା ନିମନ୍ତେ ୧୦୨ ଟୋଲ ଫ୍ରି ନମ୍ବରରେ ଫୋନ କଲେ ମାଗଣାରେ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି ।

୨. **ବିନାମୂଲ୍ୟରେ ଔଷଧ ବିତରଣ (ନିରାମୟ):** ନିରାମୟ ଯୋଜନାରେ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଆସୁଥିବା ସମସ୍ତ ରୋଗୀଙ୍କୁ ଡାକ୍ତରଖାନାର ଶ୍ରେଣୀବିଭାଗ ଅନୁସାରେ ସ୍ଥିରିକୃତ ମୋଟ ପ୍ରାୟ ୫୯୩ଟି ପ୍ରକାରର ବିଭିନ୍ନ ଅତ୍ୟାବଶ୍ୟକୀୟ ଔଷଧ ବିନାମୂଲ୍ୟରେ ଯୋଗାଇ ଦିଆଯାଉଛି । ବ୍ୟୟ ବହୁଳ ତଥା ଦୀର୍ଘ ଦିନ ଧରି ଚିକିତ୍ସା ଆବଶ୍ୟକ କରୁଥିବା ରୋଗ ଯଥା କର୍କଟ,ଡାଇବେଟିସ୍,ହାଇପରଟେନ୍ସନ, ମାନସିକ ରୋଗ, ରକ୍ତ ସମ୍ବନ୍ଧୀୟ ରୋଗର ଔଷଧ ମଧ୍ୟ ନିରାମୟ ଯୋଜନାରେ ବିନାମୂଲ୍ୟରେ ଯୋଗାଇ ଦିଆଯାଉଛି ।

୩. **ନିଃଶୁଳ୍କ ରୋଗ ନିରୂପଣ ସେବା -ନିଦାନ:** ମେଡିକାଲ କଲେଜ ଓ ହସ୍ପିଟାଲ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଉପ କେନ୍ଦ୍ର ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଦାଖଲ ହେଉଥିବା ରୋଗୀଙ୍କୁ ଆବଶ୍ୟକତା ଅନୁସାରେ ନିଃଶୁଳ୍କ ରୋଗ ନିରୂପଣ ସେବା-'ନିଦାନ' ଜରିଆରେ ରୋଗ ଚିହ୍ନଟ ପାଇଁ ମାଗଣାରେ ପରୀକ୍ଷା କରାଯାଉଛି । ବିଭିନ୍ନ ପ୍ରକାରର ସାଧାରଣ ପାଥୋଲୋଜି ସେବା ଠାରୁ ଆରମ୍ଭ କରି ଆଧୁନିକ ଜ୍ଞାନକୌଶଳ ଯୁକ୍ତ ହାଇଏଣ୍ଡ ପାଥୋଲୋଜି ସେବା, ସିଟି ସ୍କାନ୍ ଓ ଏମ୍ଆରଆଇ ସେବା ଭଳି ବିଭିନ୍ନ ପ୍ରକାର ସେବା ମାଗଣାରେ ପ୍ରଦାନ କରାଯାଉଛି ।

୪. **ନିଃଶୁଳ୍କ ଡାୟାଲିସିସ୍ ସେବା – ସହାୟ:** ଡାୟାଲିସିସ୍ ବାବଦରେ ଲୋକମାନଙ୍କର ବ୍ୟକ୍ତିଗତ ଖର୍ଚ୍ଚ ହ୍ରାସ କରିବା ପାଇଁ ସରକାରୀ ଡାକ୍ତରଖାନାଗୁଡିକରେ ମାଗଣାରେ ଡାୟାଲିସିସ୍ ସେବା ପ୍ରଦାନ ନିମନ୍ତେ ଏହି ଯୋଜନା ଆରମ୍ଭ କରାଯାଇଛି । ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ପରାମର୍ଶ ଅନୁସାରେ ରାଜ୍ୟର ସମସ୍ତ ମେଡିକାଲ କଲେଜ୍ ଆଣ୍ଡ ହସ୍ପିଟାଲ ଗୁଡିକରେ ମାଗଣାରେ ଡାୟାଲିସିସ୍ ସେବା ପ୍ରଦାନ କରାଯାଉଛି । ରାଜ୍ୟର ସମସ୍ତ ୨୫ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ନରସିଂପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସରକାରୀ ଓ ଘରୋଇ ସହଭାଗୀତାରେ ବ୍ୟବସ୍ଥା (ପିପିପି ମୋଡ) ପରିଚାଳିତ ଅନୁଷ୍ଠାନରେ ଯୋଗାଇ ଦିଆଯାଉଛି ।

୫. **ବିନା ମୂଲ୍ୟରେ ରକ୍ତ ଦାନ ସେବା:** ରାଜ୍ୟରେ ରକ୍ତଦାନ ସେବା ବ୍ୟବସ୍ଥାର ସୁଦୃଢ଼ୀକରଣ ନିମନ୍ତେ ରାଜ୍ୟବାସୀଙ୍କୁ ସମସ୍ତ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ବା ସ୍ୱଳ୍ପ ମୂଲ୍ୟରେ ପର୍ଯ୍ୟାପ୍ତ ପରିମାଣର ଉତମ ଗୁଣବତାଯୁକ୍ତ ଓ ସୁରକ୍ଷିତ ରକ୍ତ ଯୋଗାଣ କରାଯାଉଛି । ଗର୍ଭବତୀ ମହିଳା, ଅସୁସ୍ଥ ନବଜାତ ଶିଶୁ, ସିକିଲସେଲ, ଆନେମିଆ, ଥାଲାସେମିଆ ଭଳି ରକ୍ତ ସମସ୍ୟାରେ ଆକ୍ରାନ୍ତ ରୋଗୀ, ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି, ପରିତ୍ୟକ୍ତା ଓ ଗରିବ ରୋଗୀମାନଙ୍କୁ ରକ୍ତଗ୍ରହଣ ନିମନ୍ତେ କୌଣସି ଦେୟ ଦେବାକୁ ପଡୁନାହିଁ । ରାଜ୍ୟ ସରକାର ପ୍ରତି ୟୁନିଟ୍ ରକ୍ତ ପାଇଁ ୩୫୦ଟଙ୍କା ସ୍ୱତନ୍ତ୍ର ରାଶି ବ୍ଲଡ ବ୍ୟାଙ୍କଗୁଡିକୁ ପ୍ରଦାନ କରୁଛନ୍ତି । ରାଜ୍ୟ ଅର୍ଥ ଯୋଜନା ପାଣ୍ଠିରୁ ପ୍ରତ୍ୟେକ ହିମୋଗ୍ଲୋବିନୋପାଥି ରୋଗୀମାନଙ୍କୁ ବିନାମୂଲ୍ୟରେ ରକ୍ତ ପ୍ରଦାନ ଓ ଚକିତ୍ସା ଯୋଗାଇ ଦିଆଯାଉଛି ଓ ଏହି ବାବଦରେ ସେମାନଙ୍କର ଯାତାୟତ ଖର୍ଚ୍ଚ ପାଇଁ ମାସିକ ୫୦୦ ଟଙ୍କା ଲେଖାଏଁ ସୁନିଶ୍ଚିତ କରାଯାଇଛି ।

୬. **ସ୍ୱାସ୍ଥ୍ୟ ସହାୟ:** ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ସରକାରୀ ଡାକ୍ତରଖାନାରେ ଉଚ୍ଚମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହିତ ଆଶାମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ମାସିକ ୨ ହଜାର ଟଙ୍କାର ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା ଭଳି ଅନେକ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯାଇଛି ।

୭. **ବିନାମୂଲ୍ୟରେ ସାନିଟାରୀ ନାପ୍‌କିନ୍ ବିତରଣ-ଖୁସି:** ମହିଳା ଓ କିଶୋରୀମାନଙ୍କୁ ମାସିକ ଋତୁସ୍ରାବ ସମୟରେ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ସଚେତନ କରାଇବା ନିମନ୍ତେ ରାଜ୍ୟ ସରକାର ବିନାମୂଲ୍ୟରେ ସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ୬ଷ୍ଠରୁ ୧୨ଶ ଶ୍ରେଣୀ ଛାତ୍ରୀମାନଙ୍କୁ ମାଗଣାରେ ସାନିଟାରୀ ନାପ୍‌କିନ୍ ବିତରଣ ପାଇଁ ବ୍ୟବସ୍ଥା କରାଯାଉଛି । ସରକାରୀ ଡାକ୍ତରଖାନାରେ ପ୍ରସବ କିମ୍ବା ଗର୍ଭପାତ ହୋଇଥିବା/କରାଇଥିବା ପ୍ରତ୍ୟେକ ମହିଳାଙ୍କୁ ୬ଟି ପ୍ୟାକେଟ୍ (ପ୍ରତି ପ୍ୟାକେଟ୍‌ରେ ୬ଟି ନାପ୍‌କିନ) ମାଗଣାରେ ଯୋଗାଇ ଦିଆଯାଉଛି । ଆଶାମାନଙ୍କ ଦ୍ୱାରା ସୋସିଆଲ ମାର୍କେଟିଂ ବ୍ୟବସ୍ଥାରେ ଗୋଷ୍ଠୀ ସ୍ତରରେ ଥିବା କିଶୋରୀ ବାଳିକା ଓ ପ୍ରଜନନକ୍ଷମ ମହିଳାମାନଙ୍କୁ ମଧ୍ୟ ପ୍ୟାକେଟ୍‌କୁ ୬ଟଙ୍କା ହିସାବରେ ସାନିଟାରି ନାପ୍‌କିନ୍ ଯୋଗାଇ ଦିଆଯାଉଛି ।

୮. **ମାତୃ ଏବଂ ଶିଶୁ ମୃତ୍ୟୁ ପୂର୍ଣ୍ଣ ନିରାକରଣ ଅଭିଯାନ (ସମ୍ପୂର୍ଣ୍ଣା):** ରାଜ୍ୟରେ ମା' ଓ ଶିଶୁ ମୃତ୍ୟୁହାର ଦ୍ରୁତ ହ୍ରାସ କରିବା ପାଇଁ ଏକ ସ୍ୱତନ୍ତ୍ର ଯୋଜନା ୨୦୧୫-୧୬ ମସିହା ଠାରୁ କାର୍ଯ୍ୟକାରୀ କରାଯାଉଛି । ବିପଦଶଙ୍କୁଳ ଗର୍ଭବତୀ ମା' ଓ ଶିଶୁଙ୍କର ଚିହ୍ନଟ, ଆବଶ୍ୟକସ୍ଥଳେ ଉଚ୍ଚତର ଡାକ୍ତରଖାନାକୁ ପ୍ରେରଣ ଓ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରିବା ଭଳି କାର୍ଯ୍ୟ କରାଯାଉଛି । ଏହି ଯୋଜନାର ବିପଦଶଙ୍କୁଳ ଗର୍ଭବତୀ ମା' ଓ ଶିଶୁଙ୍କର ଚିହ୍ନଟ, ଆବଶ୍ୟକସ୍ଥଳେ ଉଚ୍ଚତର ଡାକ୍ତରଖାନାକୁ ପ୍ରେରଣ ଓ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରିବା, ଦୁର୍ଗମ ଅଚଂଳରେ ମା'ମାନଙ୍କର ସରକାରୀ ଡାକ୍ତରଖାନାରେ ପ୍ରସବକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ଗର୍ଭବତୀ ମହିଳାମାନଙ୍କୁ ୧ହଜାର ଟଙ୍କାର ସ୍ୱତନ୍ତ୍ର ସହାୟତା ରାଶି ପ୍ରଦାନ କରାଯିବା ସହିତ ଅପପୁଷ୍ଟି ଶୀକାର ହୋଇ ପୁଷ୍ଟିସାଧନ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଶିଶୁମାନଙ୍କୁ ଚିକିତ୍ସା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ମା'ମାନଙ୍କର ରହଣୀକୁ ସୁନିଶ୍ଚିତ କରିବା ପାଇଁ ଦୈନିକ ସହାୟତା ରାଶିକୁ ୫୦ଟଙ୍କାରୁ ୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ।

୯. **ବିନାମୂଲ୍ୟରେ କର୍କଟ ସେବା-ଯତ୍ନ ଓ କେମୋଥେରାପି:** ରାଜ୍ୟରେ କର୍କଟ ରୋଗ ଚିକିତ୍ସା ନିମନ୍ତେ ଲୋକଙ୍କ ବ୍ୟକ୍ତିଗତ ଖର୍ଚ୍ଚକୁ କମାଇବା ଓ ଜିଲ୍ଲା ସ୍ତରରେ ଉନ୍ନତ କେମୋଥେରାପି ଚିକିତ୍ସା ଉପଲବ୍ଧ କରାଇବା ନିମନ୍ତେ ଜିଲ୍ଲା ସ୍ତରରେ କ୍ୟାନସର ଡେ କେଆର କେନ୍ଦ୍ର ପ୍ରତିଷ୍ଠା କରାଯାଇ ମାଗଣାରେ କେମୋଥେରାପି ଚିକିତ୍ସା ପ୍ରଦାନ କରାଯାଉଛି ।

୧୦. **ସରକାରୀ ଡାକ୍ତରଖାନରେ ଆନୁସଙ୍ଗିକ ବ୍ୟବସ୍ଥା ଦୃଢ଼ୀକରଣ-ନିର୍ମଳ:** ରାଜ୍ୟର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆରମ୍ଭ ହୋଇ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ) ପର୍ଯ୍ୟନ୍ତ ସମସ୍ତ ସରକାରୀ ଡାକ୍ତରଖାନାରେ ଆନୁସଙ୍ଗିକ (ପରିଷ୍କାର ପରିଚ୍ଛନ୍ନତା, ଲଣ୍ଡ୍ରି, ସିକ୍ୟୁରିଟି ଓ ଲିଫ୍ଟ ଇତ୍ୟାଦି) ବ୍ୟବସ୍ଥା ସହିତ ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ପରିବେଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏହି ଯୋଜନା ଆରମ୍ଭ ହୋଇଛି ।

୧୧. **ଚକ୍ଷୁ ଯତ୍ନ କାର୍ଯ୍ୟକ୍ରମ-ସୁନେତ୍ର:** ରାଜ୍ୟରେ ୨୦୧୮-୧୯ରୁ ଆରମ୍ଭ ହୋଇ ୨୦୨୨-୨୩ ପର୍ଯ୍ୟନ୍ତ ଜାରି ରହିବ । ୨୦୨୩ ସୁଦ୍ଧ ରାଜ୍ୟରେ କୌଣସି ମୋତିଆବିନ୍ଦୁ ଅପରେସନ୍ ବାକି ରହିବ ନାହିଁ ଏହା ହେଉଛି ଏହି ଯୋଜନାର ଲକ୍ଷ୍ୟ । ଏହି ଯୋଜନା ଜରିଆରେ ସମସ୍ତ ବୟସ ଓ ବର୍ଗର ଲୋକଙ୍କୁ ଚକ୍ଷୁରୋଗର ଚିକିତ୍ସା ବିନାମୂଲ୍ୟରେ ଯୋଗାଇ ଦିଆଯିବ । ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପ୍ରଶିକ୍ଷିତ ମାନବ ସମ୍ବଳ ଦ୍ୱାରା ରାଜ୍ୟରେ ସମସ୍ତ ସରକାରୀ ଡାକ୍ତରଖାନାରେ ଚକ୍ଷୁ ରୋଗ ଚିକିତ୍ସା କେନ୍ଦ୍ର "ଭିଜନ କ୍ଲିନିକ୍" ପ୍ରତିଷ୍ଠା ହେବ । ରାଜ୍ୟର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସହରାଚଂଳ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଚକ୍ଷୁରୋଗର ପ୍ରାଥମିକ ଚିକିତ୍ସା, ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ଓ ଉପଖଣ୍ଡ ଚିକିତ୍ସାଳୟ ଠାରେ ଉଚ୍ଚତର ଚିକିତ୍ସା ଏବଂ ୯ଟି ମେଡିକାଲ କଲେଜ୍‌ରେ ଜଟିଳ ଚକ୍ଷୁ ରୋଗ ଚିକିତ୍ସା ପ୍ରଦାନ କରାଯିବା ସହିତ କ୍ୟାପିଟାଲ ହସ୍ପିଟାଲ ଠାରେ ଚକ୍ଷୁ ରୋଗ ଚିକିତ୍ସା ନିମନ୍ତେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ ।

୧୨. **ବିନାମୂଲ୍ୟରେ ମାନସିକ ସ୍ୱାସ୍ଥ୍ୟ ଯତ୍ନ:** ରାଜ୍ୟର ୩୦ଟି ଜିଲ୍ଲାରେ ମାନସିକ ରୋଗୀମାନଙ୍କୁ ଚିକିତ୍ସା ପ୍ରଦାନ କରାଯାଉଛି । ମାନସିକ ରୋଗୀମାନଙ୍କୁ ପ୍ରାଥମିକ ସ୍ତରରେ ଚିହ୍ନଟ, ପରାମର୍ଶ, ଚିକିତ୍ସା ଏବଂ ବିନାମୂଲ୍ୟରେ ଆବଶ୍ୟକୀୟ ଔଷଧ ଯୋଗାଇ ଦିଆଯାଉଛି । ରୋଗୀମାନଙ୍କୁ ସଠିକ୍ ଔଷଧ ପ୍ରଦାନ ନିମନ୍ତେ ସେବାପ୍ରଦାନକାରୀ ଓ ଆଶାମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଡିଷ୍ଟ୍ରିକ୍ଟ କ୍ରାଇସିସ୍ ସେଟଂର କିମ୍ବା ହେଲପ ଡେସ୍କ ପ୍ରତିଷ୍ଠା, ଜୀବନ କୌଶଳ ଶିକ୍ଷା ଓ ବିଭିନ୍ନ ପ୍ରକାର ମଲ୍ଟି ମେଡିଆ କାର୍ଯ୍ୟକ୍ରମ ଦ୍ୱାରା ଜନସଚେତନତା ସୃଷ୍ଟି କରାଯାଇଛି ।

୧୩. **ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଦମନ):** ରାଜ୍ୟର ୨୨ଟି ଜିଲ୍ଲାର ଅତ୍ୟଧିକ ମ୍ୟାଲେରିଆ ପ୍ରବଣ ଦୁର୍ଗମ ଅଚଂଳଗୁଡିକରେ ମ୍ୟାଲେରିଆ ନିୟନ୍ତ୍ରଣ ନିମନ୍ତେ ଦମନ କାର୍ଯ୍ୟକ୍ରମ ମାଧ୍ୟମରେ ତୁରନ୍ତ ଚିହ୍ନଟ ଓ ଚିକିତ୍ସା (ଇଡିସିଟି), କୀଟନାଶକ ଉପଚାରିତ ମଶାରୀ (ଏଲ୍ଏଲ୍ଆଇଏନ୍) ବିତରଣ, ଗୃହ ଭିତରେ କୀଟନାଶକ ସିଚଂନ (ଆଇଆରଏସ୍), ପାରିପାର୍ଶ୍ୱିକ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ନିମନ୍ତେ ଜନସଚେତନତା, ମ୍ୟାଲେରିଆର ତୁରନ୍ତ ଚିହ୍ନଟ ଓ ଚିକିତ୍ସା ବ୍ୟବସ୍ଥା ନିମନ୍ତେ ଆଶାମାନଙ୍କୁ ନିୟୋଜିତ କରାଯାଇଛି ଓ ମ୍ୟାଲେରିଆ ଚିହ୍ନଟକରଣ କିଟ୍ ପ୍ରଦାନ କରାଯାଇଛି ଫଳରେ ଗାଁ ସ୍ତରରେ ମ୍ୟାଲେରିଆ ଚିହ୍ନଟ ଓ ଚିକିତ୍ସା  ଯୋଗୁ ମ୍ୟାଲେରିଆ ଜନିତ ଜଟିଳତା ଓ ମୃତ୍ୟୁ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି ।

୧୪. **ଭୌଗୋଳିକତା ଭିତିରେ ଡାକ୍ତରମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା:** ରାଜ୍ୟର ଦୁର୍ଗମ ଅଚଂଳଗୁଡିକରେ ଥିବା ମୋଟ ୧୭୫୧ଟି ଡାକ୍ତରଖାନାକୁ ଭି-ଜିରୋ ଠାରୁ ଭି-ଫୋର ପର୍ଯ୍ୟନ୍ତ ୫ଟି ବର୍ଗରେ ବର୍ଗୀକରଣ କରାଯାଇଛି ଏବଂ ଭି- ୱାନ ଠାରୁ ଭି-ଫୋର ପର୍ଯ୍ୟନ୍ତ ଅଚଂଳରେ ନିୟମିତ ଉପସ୍ଥିତ ରହି ସେବା ପ୍ରଦାନ କରିବା କ୍ଷେତ୍ରର ନିୟମିତ ଦରମା ସହିତ ଏହି ପ୍ରୋତ୍ସାହନ ଦିଆଯାଉଛି । ଏହା ଚୁକ୍ତି ଭିତିକ, ଆଡ୍‌ହକ୍ ଓ ନିୟମିତ ଡାକ୍ତରମାନଙ୍କ କ୍ଷେତ୍ରରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି । ଭି-ଫୋର ସିଏଚ୍‌ସି ଓ ପିଏଚ୍‌ସିରେ କାର୍ଯ୍ୟ କରୁଥିବା ସାଧାରଣ ଏମ୍‌ବିବିଏସ୍ ଡାକ୍ତରଙ୍କୁ ୪୦ ହଜାର ଓ ବିଶେଷଜ୍ଞଙ୍କୁ ୮୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି ।

୧୫. **କର୍ପସ ଫଣ୍ଡ:** ଦୁର୍ଗମ ଅଂଚଳରେ ଡ଼ାକ୍ତରମାନଙ୍କ ଉପସ୍ଥିତି ସୁନିଶ୍ଚିତ କରାଇବା ଉଦ୍ଦେଶ୍ୟରେ ଜିଲ୍ଲା ଅଧିକାରୀମାନଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ଏକ ସ୍ୱତନ୍ତ୍ର କର୍ପସ ଫଣ୍ଡ ବ୍ୟବସ୍ଥା କରାଯାଇଛି । ରାଜ୍ୟର ୧୬ଟି ପଛୁଆ ଅଚଂଳର ଜିଲ୍ଲାମାନଙ୍କୁ ୧ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରଯାଇଛି । ଏହି ଅଚଂଳଗୁଡିକରେ ପରିବହନ ବ୍ୟବସ୍ଥା, କମ୍ୟୁନିକେସନ୍, ମାନବ ସମ୍ବଳ ରହିବା ନିମନ୍ତେ ଆବଶ୍ୟକୀୟ ସୁବିଧା ଉପଲବ୍ଧତା ଅନୁସାରେ ସ୍ପେଶାଲିଷ୍ଟମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ଉକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସ୍ଥାନୀୟ ପରିସ୍ଥିତି ଅନୁସାରେ କର୍ପସ ଫଣ୍ଡର ବ୍ୟବହାର ନିମନ୍ତେ କ୍ଷମତା ପ୍ରଦନ କରାଯାଇଛି  ।

୧୬. **ମୋବାଇଲ ହେଲ୍‌ଥ ୟୁନିଟ୍- ସ୍ୱାସ୍ଥ୍ୟ ସଂଯୋଗ:** ରାଜ୍ୟର ଅପହଂଚ ଓ ଦୁର୍ଗମ ଅଚଂଳଗୁଡିକରେ ବାସ କରୁଥିବା ଲୋକମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରଦାନ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟର ସମସ୍ତ କେବିକେ ଓ କେବିକେ+ ବ୍ଲକ୍‌ରେ ୧୭୭ଟି ମୋବାଇଲ ହେଲ୍‌ଥ ୟୁନିଟ୍ କାର୍ଯ୍ୟକରୁଛି । ଅତି ଦୁର୍ଗମ ଅଚଂଳ ଗୁଡିକରେ କାର୍ଯ୍ୟକରୁଥିବା ଏହି ମୋବାଇଲ ହେଲ୍‌ଥ  ୟୁନିଟ୍‌ଗୁଡିକୁ ଗ୍ରାମାଚଂଳରେ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି । ଏହି ୟୁନିଟ୍‌ରେ ଡାକ୍ତର, ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ସମେତ ଅନେକ ଔଷଧ ଓ ସାମଗ୍ରୀ ଉପଲବ୍ଧ ହେଉଛି । ଏକ ନିର୍ଦ୍ଦିଷ୍ଟ ଦିନ ଓ ସମୟ(ପାକ୍ଷିକ)ରେ ପୂର୍ବରୁ ସ୍ଥିରୀକୃତ ଦୁର୍ଗମ ଅଚଂଳଗୁଡିକ ଯାଇ ଏହି ଟିମ ରୋଗର ଚିକିତ୍ସା ସହିତ ବିଭିନ୍ନ ରୋଗ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କିତ ସେବା ପ୍ରଦାନ କରୁଛି ।

୧୭. **ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଆମ କ୍ଲିନିକ:** ସହରାଚଂଳ ଲୋକ ମୁଖ୍ୟତଃ ବସ୍ତିରେ ବାସ କରୁଥିବା ଲୋକମାନଙ୍କର ଚିକିତ୍ସା ଖର୍ଚ୍ଚ ହ୍ରାସ କରିବା ପାଇଁ ରାଜ୍ୟ ସରକାର 'ଆମ କ୍ଲିନିକ୍' ଯୋଜନାରେ ସପ୍ତାହକୁ ଥରେ ସହରାଚଂଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସାସେବା ପ୍ରଦାନ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଆମ କ୍ଲିନିକ  ଅନ୍ତର୍ଗତ ଶିଶୁ ସ୍ୱାସ୍ଥ୍ୟ, ସ୍ତ୍ରୀ ଓ ପ୍ରସୂତି, ପୁଷ୍ଟିକର ସେବା, କିଶୋର ସ୍ୱାସ୍ଥ୍ୟ, ଚକ୍ଷୁ ରୋଗ ସେବା, ଫିଜିଓଥେରପୀ, ମାନସିକ ସ୍ୱାସ୍ଥ୍ୟ ସେବା ଓ ବାର୍ଦ୍ଧକ୍ୟ ଜନିତ ସେବା ଉପଲବ୍ଧ କରାଯାଉଛି ।

୧୮. **ମୃତଶରୀର ପରିବହନ ବ୍ୟବସ୍ଥା - ମହାପରାୟଣ:** ଡାକ୍ତରଖାନାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିମାନଙ୍କର ମୃତ ଦେହ ତାଙ୍କ ଘର ପର୍ଯ୍ୟନ୍ତ କିମ୍ବା ନିକଟସ୍ଥ ଶବସତ୍କାର ସ୍ଥାନ ପର୍ଯ୍ୟନ୍ତ ନେବା ନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ୍ର ପରିବହନ ବ୍ୟବସ୍ଥା କରିଛନ୍ତି । ଜିଲ୍ଲାପାଳଙ୍କ ଅନୁମତିକ୍ରମେ ଅତ୍ୟନ୍ତ ଦରିଦ୍ର ଲୋକମାନଙ୍କର ମୃତଶରୀର ପରିବହନ ବାବଦ ହେଉଥିବା ବ୍ୟୟ ଛାଡ କରାଯାଉଛି ଓ ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏହା ପ୍ରଦାନ କରାଯାଉଛି ।

୧୯. **ମୁଖ୍ୟ ମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ୍:** ଏହି ଯୋଜନାରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସେବା ଯେଗାଇ ଦିଆଯିବ । ଭିତିଭୂମୀ ନିର୍ମାଣ, ଜରୁରୀକଳୀନ ସମୟରେ ଜନ ସ୍ୱାସ୍ଥ୍ୟ ସେବା, ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି ଓ ହେଲ୍ଥ ଇନଭେଷ୍ଟମେଂଟ ପଲିସି । ଡାକ୍ତରଖାନାର ଅଣଆବାସିକ ଓ ଆବାସିକ ଭିତିଭୂମୀ ନିର୍ମାଣ, ଜରୁରୀକଳୀନ ଜନ ସ୍ୱାସ୍ଥ୍ୟ ସେବା, ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି, ସ୍ୱାସ୍ଥ୍ୟ ସେବୋରେ ବିନିଯୋଗ ପଲିସି ଭଳି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

୨୦. **ସ୍ୱାସ୍ଥ୍ୟ ବୀମା ଯୋଜନା:** ରାଜ୍ୟରେ ପ୍ରଚଳିତ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ପଞ୍ଜିକୃତ ହୋଇଥିବା ସମସ୍ତ ପରିବାରକୁ ପଞ୍ଜିକୃତ ହୋଇଥିବା ଡାକ୍ତରଖାନା ଜରିଆରେ ବାର୍ଷିକ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି । ରାଜ୍ୟ ସରକାରଙ୍କର ବିଜୁ କୃଷକ କଲ୍ୟାଣ ଯୋଜନା (ବିକେକେୟାଇ-୧)ରେ ପଞ୍ଜିକୃତ ପରିବାରଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ଓ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନାରେ ପଞ୍ଜିକୃତ କୃଷକମାନଙ୍କୁ ବିଜୁ କୃଷକ କଲ୍ୟାଣ ଯୋଜନାରେ ଅଧିକ ୭୦ ହଜାର ଟଙ୍କାର ବୀମା ପ୍ରଦାନ କରାଯାଉଛି । ଏହି ବିଷୟରେ ଅଧିକ ଜାଣିବା ପାଇଁ ଆରଏସ୍‌ବିୟାଇ ଟୋଲ ଫ୍ରି ନମ୍ବର ୧୫୫୩୬୯ରେ ଯୋଗାଯୋଗ କରନ୍ତୁ ।

୨୧. **ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି:** ରାଜ୍ୟର ବିପିଏଲ (୧୯୯୭),ଅନ୍ତୋଦୟ ଅନ୍ନ ଯୋଜନା, ପଂଜିକୃତ କୌଣସି ମାନସିକ ରୋଗୀଙ୍କ ଆଶ୍ରୟସ୍ଥଳୀ/ ଅନାଥାଶ୍ରମ/ ପରିତ୍ୟକ୍ତା ଗୃହ ପ୍ରଭୃତିରୁ ଚିକିତ୍ସା ପାଇଁ ପ୍ରେରିତ ଅନ୍ତେବାସୀ ଏବଂ କୌଣସି ଦୁର୍ଘଟଣାଗ୍ରସ୍ତ ଅଜଣା ବ୍ୟକ୍ତି ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି ମାଧ୍ୟମରେ ଚିକିତ୍ସା ପାଇବା ପାଇଁ ଯୋଗ୍ୟ ଅଟନ୍ତି । ଗ୍ରାମାଂଚଳରେ ବାର୍ଷିକ ୫୦ ହଜାର ଟଙ୍କା ଓ ସହରାଂଚଳରେ ବାର୍ଷିକ ୬୦ ହଜାର ଟଙ୍କା ଆୟ କରୁଥିବା ବ୍ୟକ୍ତିମାନେ ଏହି ଯୋଜନାରେ ସରକାରୀ ଡାକ୍ତରଖାନାଗୁଡିକରେ ମାଗଣାରେ ଚିକିତ୍ସାସେବା ପାଇବାକୁ ଯୋଗ୍ୟ ଅଟନ୍ତି । ଏହି ଯୋଜନାରେ ମାଗଣାରେ କର୍କଟ, କାର୍ଡିଆକ୍ ସର୍ଜରୀ, ରେନାଲ ଟ୍ରାନ୍ସପ୍ଲାଂଟ ଭଳି ଜଟିଳ ରୋଗର ଚିକିତ୍ସା ସେବା ପାଇବା ନିମନ୍ତେ ସର୍ବନିମ୍ନ ବାର୍ଷିକ ଆୟ ୧ ଲକ୍ଷ ଟଙ୍କା ମଧ୍ୟରେ ସୀମିତ ରହିବା ଆବଶ୍ୟକ ।

୨୨. **ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠି:** ପ୍ରାକୃତିକ ଦୁର୍ଘଟଣା ଦ୍ୱାରା କ୍ଷତିଗ୍ରସ୍ତ ଓ ଦୁସ୍ଥ ଅବସ୍ଥାରେ ଥିବା ବ୍ୟକ୍ତିମାନଙ୍କୁ ସହାୟତା ଏବଂ କୌଣସି ଜଟିଳ ବା ଗୁରୁତର ରୋଗରେ ପିଡୀତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ ତଥା ଅନ୍ୟାନ୍ୟ ଜନ ମଙ୍ଗଳକାରୀ କାର୍ଯ୍ୟ ନିମନ୍ତେ ଏହି ପାଣ୍ଠି ଉଦ୍ଦିଷ୍ଟ । ଏହି ଯୋଜନାରେ କେବଳ ଓଏସ୍‌ଟିଏଫ୍ ଅଧିନରେ ସ୍ଥିରିକୃତ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା/ରୋଗର ଚିକିତ୍ସା ନିମନ୍ତେ ସହୟତା ପ୍ରଦାନ କରାଯାଉଛି ସାଧାରଣ ରୋଗର ଚିକିତ୍ସା ନିମନ୍ତେ ଏଥିରେ ସହୟତା ପ୍ରଦାନ କରାଯାଏ ନାହିଁ । ବର୍ଷକୁ ଥରେ ସହୟତା ରାଶି ଭାବେ ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଇପାରିବ ।

୨୩. **ଜନନୀ ସୁରକ୍ଷା ଯୋଜନା :** ସୁରକ୍ଷିତ ପ୍ରସବ ଓ ନବଜାତ ଶିଶୁର ଉପଯୁକ୍ତ ଯତ୍ନ ଜରିଆରେ ମାଓ ଶିଶୁ ମୃତ୍ୟୁ ହାର ହ୍ରାସ ନିମନ୍ତେ ଡାକ୍ତରଖାନାରେ ପ୍ରସବକୁ ପ୍ରୋତ୍ସାହିତ କରିବା ହେଉଛି ଜନନୀ ସୁରକ୍ଷା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଯୋଜନାରେ ଗ୍ରମାଚଂଳ ଓ ସହରାଚଂଳରେ ଡାକ୍ତରଖାନାରେ ପ୍ରସବ କରାଉଥିବା ମହିଳାମାନଙ୍କୁ ଯଥାକ୍ରମେ ୧୪ଶହ ଓ ୧ହଜାର ଟଙ୍କାର ସହୟତା ପ୍ରଦାନ କରାଯାଉଛି । ସରକାରୀ ଡାକ୍ତରଖାନା ସହିତ ସରକାରୀ ସ୍ୱୀକୃତିପ୍ରାପ୍ତ ବେସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ କରାଇଥିବା ବିପିଏଲ/ଅନୁସୂଚୀତ ଜାତି/ଅନୁସୂଚିତ ଜନଜାତି ସଂପ୍ରଦାୟ ଗର୍ଭବତୀ ମହିଳା ଏହା ଦ୍ୱାରା ଉପକୃତ ହେଉଛନ୍ତି ।

୨୪. **ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ:** ସରକାରୀ ଡାକ୍ତରଖାନାରେ ପ୍ରସବ କରାଉଥିବା ସମସ୍ତ ଗର୍ଭବତୀ ମହିଳା ଓ ଏକବର୍ଷ ପର୍ଯ୍ୟନ୍ତ ଅସୁସ୍ଥ ଶିଶୁଙ୍କୁ ଏହି ଯୋଜନାରେ ମାଗଣାସେବା, ଔଷଧ, ରକ୍ତ ଯୋଗାଣ, ରୋଗ ଚିହ୍ନଟ, ଖାଦ୍ୟ ତଥା ରେଫରାଲ ସେବା ଯୋଗାଇ ଦିଆଯାଉଛି । ଏହି ଯୋଜନାରେ ଉଚ୍ଚତର ଡାକ୍ତରଖାନାକୁ ରେଫେରାଲ ତଥା ଡାକ୍ତରଖାନାରୁ ଘର ପର୍ଯ୍ୟନ୍ତ ଯାତାୟତ ସେବା ଯୋଗାଇ ଦିଆଯାଉଛି ।

୨୫. ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ: ଆମ ଦେଶର ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ ଜରିଆରେ ରାଜ୍ୟରେ ଶିଶୁମାନଙ୍କୁ ୧୨ଟି ପ୍ରତିରୋଧକାରୀ ରୋଗ ଯଥା: କଣ୍ଠଅଳତୀ (ଡପ୍‌ଥେରିଆ), ଲହରାକାଶ (ପରଟୁସିସ୍), ଧନୁଷ୍ଟଙ୍କାର (ଟୀଟାନାସ୍), ପୋଲିଓ, ମିଳିମିଳା (ମିଜିଲ୍‌ସ) ଓ ରୁବେଲା, ବାଲ୍ୟାବସ୍ଥାରେ ଯକ୍ଷ୍ମା, ହେବାଟାଇଟିସ୍-ବି,ନିମୋନିଆ,ରୋଟାଭାଇରସ୍ ଡାଇରିଆ ଓ ଜାପାନି ଏନ୍‌ସେଫାଲାଇଟିସ୍ (ନିର୍ଦ୍ଦିଷ୍ଟ ଅଚଂଳରେ) ତଥା ନ୍ୟୁମୋମୋକାଲ ନିମୋନିଆ ଭଳି ୧୨ଟି ରୋଗରୁ ରକ୍ଷା ନିମନ୍ତେ ଟୀକାକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ପ୍ରତ୍ୟେକ ଗାଁରେ ନିର୍ଦ୍ଧାରିତ (ବୁଧବାର) ଦିନରେ ଟୀକାକେନ୍ଦ୍ର , ଭି.ଏଚ୍.ଏନ୍.ଡି. ହେଉଥିବା ସ୍ଥାନ ବା ଆଙ୍ଗନୱାଡୀ କେନ୍ଦ୍ରରେ ଟୀକାଦାନ ଏବଂ ସ୍ୱତନ୍ତ୍ର ଟୀକାକରଣ ସପ୍ତାହ ମାଧମରେ ଅପହଚଂ ଅଚଂଳ ଯାଯାବର ବସତି ଏବଂ କମ୍ ହିତାଧିକାରୀ ରହୁଥିବା ଅଚଂଳରେ ଟୀକାଦାନ ଅଧିବେଶନ କରାଯାଉଛି । ପୋଲିଓକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବା ପାଇଁ ପଲ୍‌ସ ପୋଲିଓ ଅଭିଯାନ ଜରିଆରେ ଟୀକାଦାନ କରାଯାଉଛି । ମିଶନ ଇନ୍ଦ୍ରଧନୁଷ୍ ଜରିଆରେ ସମ୍ପୂର୍ଣ୍ଣ ଟୀକାକରଣ ହାର ୯୦%ରୁ କମ୍ ଥିବା ଅଚଂଳଗୁଡିକରେ ସ୍ୱତନ୍ତ୍ର ଟୀକାକରଣ କାର୍ଯ୍ୟକ୍ରମ କରାଯାଉଛି ।

୨୬. ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ: ଏହି ଯୋଜନାରେ ଜନ୍ମରୁ ୧୮ ବର୍ଷ ବୟସର ଶିଶୁମାନଙ୍କୁ ଜନ୍ମଗତ ତ୍ରୁଟି, ପୋଷକ ତତ୍ୱର ଅଭାବ, ବିଳମ୍ବିତ ବିକାଶ ଓ ଭିନ୍ନକ୍ଷମତା ଭଳି ୩୦ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଥିବା ଶିଶୁମାନଙ୍କୁ ଚିହ୍ନଟ କରି ଉଚ୍ଚତର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ପ୍ରେରଣ ତଥା ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଉଛି । ବିଶେଷ କରି ଗ୍ରହଣ ଖଣ୍ଡିଆ, ବକ୍ରପାଦ ଓ ହୃଦୟ ରୋଗ ଓ ଜନଗତ ହୃଦୟ ଜନିତ ତୃଟିର ଅସ୍ତ୍ରୋପଚାର ନିମନ୍ତେ ସହୟତା ପ୍ରଦାନ କରାଯାଉଛି ।

୨୭. ଜାତୀୟ ଆଇରନ୍ ପ୍ଲସ ଇନିସିଏଟିଭ୍: ଲୌହସାର ଅଭାବ ଜନିତ ରକ୍ତହୀନତାରୁ ୬ ମାସରୁ ଉର୍ଦ୍ଧ୍ୱ ସମସ୍ତ ଶିଶୁ, ପ୍ରଜନନକ୍ଷମ ଦମ୍ପତି, ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା'ମାନଙ୍କୁ ତଥା କିଶୋରୀ ବାଳିକାମାନଙ୍କୁ ରକ୍ଷା କରିବା ପାଇଁ ଏହା କାର୍ଯ୍ୟକାରୀ ହେଉଛି । ରାଜ୍ୟର ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ମମତା ଦିବସରେ ଏବଂ ବିଦ୍ୟାଳୟରେ ସାପ୍ତାହିକ ଲୌହସାର ଓ ଫଲିକ୍ ଏସିଡ୍ ବଟଂନ (ଡବ୍ଲ୍ୟୁଆଇଏଫ୍‌ଏସ୍) ଜରିଆରେ ହିତାଧିକାରୀମାନଙ୍କୁ ବିନାମୂଲ୍ୟରେ ଲୌହସାର ପୋଷକ ପ୍ରଦାନ ବ୍ୟବସ୍ଥା କରାଯାଇଛି ।

୨୮. ଆନୁଷ୍ଠାନିକ ଓ ଗୃହଭିତିକ ନବଜାତ ଶିଶୁର ସେବା/ଯତ୍ନ:ଅସୁସ୍ଥ ନବଜାତ ଶିଶୁମାନଙ୍କୁ ବିନାମୂଲ୍ୟରେ ଗୁଣାତ୍ମକ ଓ ଉଚ୍ଚତର ଚିକିତ୍ସା ଯୋଗାଇବା ଲକ୍ଷ୍ୟରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ଓ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଏସ୍‌ଏନ୍‌ସିୟୁ ଓ ଏନ୍‌ବିଏସ୍‌ୟୁ ପ୍ରତିଷ୍ଠା କରାଯାଇଛି । ଆବଶ୍ୟବସ୍ଥଳେ ନବଜାତର ତୁରନ୍ତ ଚିକିତ୍ସା/ଯତ୍ନ ପାଇଁ ରାଜ୍ୟର ସମସ୍ତ ପ୍ରସବ କେନ୍ଦ୍ର ଗୁଡିକରେ ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଗୋଷ୍ଠୀ ସ୍ତରରେ ନବଜାତ ଶିଶୁର ଉପଯୁକ୍ତ ଯତ୍ନ ଓ ଅସୁସ୍ଥତାର ସଅଳ ଚିହ୍ନଟ ନିମନ୍ତେ ଆଶାମାନଙ୍କୁ ନିୟମିତ ବ୍ୟବଧାନରେ ଗୃହ ପରିଦର୍ଶନ ଦାୟୀତ୍ୱ ପ୍ରଦାନ କରାଯାଇଛି ।

୨୯. ପ୍ରସବ କକ୍ଷର ଗୁଣାତ୍ମକମାନ ବୃଦ୍ଧି ଯୋଜନା: ଅଧିକ ପ୍ରସବ ହେଉଥିବା ଡାକ୍ତରଖାନାଗୁଡିକରେ ପ୍ରସବକାଳୀନ ଓ ପ୍ରସବ ପରବର୍ତୀ ସମୟରେ ପ୍ରଦାନ କରାଯାଉଥିବା ତୁରନ୍ତ ଯତ୍ନର ମାନବୃଦ୍ଧି କରିବା ପାଇଁ ପ୍ରସବ କକ୍ଷ ସହ ଜଡିତ ସମସ୍ୟାର ସମାଧାନ କରାଯାଇଛି । ପ୍ରସବ କକ୍ଷର ଉନ୍ନତିକରଣ କରାଯିବା ସହିତ ଆନୁସଙ୍ଗିକ ଯାନ୍ତ୍ରିକ ଉପକରଣ ବ୍ୟବସ୍ଥା କରାଯାଇଛି । ଲେବର ରୁମ ଷ୍ଟାଣ୍ଡାଡାଇଜେସନ୍ ଅନୁସାରେ ଯେଉଁ ଡାକ୍ତରଖାନା ଗୁଡିକ ଏଥିରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଛନ୍ତି ସେଗୁଡିକୁ ପ୍ରୋତ୍ସାହିତ କରାଯାଉଛି ।

୩୦. ମା' କାର୍ଯ୍ୟକ୍ରମ:ସ୍ତନ୍ୟପାନ ଓ ବଢୁଥିବା ପିଲାର ସଠିକ୍ ଖାଦ୍ୟାଭାସ ସମ୍ପର୍କରେ ମା'ମାନଙ୍କୁ ସଚେତନ କରାଇବା ଓ ୬ମାସ ପରେ ଶିଶୁର ଖାଦ୍ୟାଭ୍ୟାସ ସମ୍ପର୍କରେ ମା'ମାନଙ୍କୁ ସଠିକ୍ ପରାମର୍ଶ ଦେବାପାଇଁ ଡାକ୍ତରଖାନାରେ ପରାମର୍ଶଦାତାମାନେ ନିଯୁକ୍ତ ହୋଇଛନ୍ତି ।

୩୧. ପୁଷ୍ଟିସାଧନ କେନ୍ଦ୍ର: ଗୁରୁତର କୁପୋଷଣରେ ଆକ୍ରାନ୍ତ ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କୁପୋଷଣ ଜନିତ ଅସୁସ୍ଥତା ଓ ପୋଷଣ ସମ୍ବନ୍ଧୀୟ ଆବଶ୍ୟକୀୟ ଯତ୍ନ ପ୍ରଦାନ ନିମନ୍ତେ ପୁଷ୍ଟି ସାଧନ କେନ୍ଦ୍ର ଗଠନ କରାଯାଇଛି । ଶିଶୁକୁ ଉପଯୁକ୍ତ ପୌଷ୍ଟିକ ଆହାର ପ୍ରଦାନ ସହିତ ମା'ମାନଙ୍କୁ ମଧ୍ୟ ଏଠାରେ ଶିଶୁର ଉପଯୁକ୍ତ ଯତ୍ନ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଉଛି ।

୩୨. ଜାତୀୟ କୃମିନାଶକ ଦିବସ: ପ୍ରତ୍ୟେକ ବର୍ଷ ଫେବୃଆରୀ ମାସ ୧୦ ତାରିଖ ଓ ନଭେମ୍ବର ମାସ ୧୦ ତାରିଖରେ ୧ରୁ ୧୯ ବର୍ଷ ବୟସ୍କ ପିଲାମାନଙ୍କୁ ଅଙ୍ଗନୱାଡି ଓ ବିଦ୍ୟାଳୟ ସ୍ତରରେ ଆଲବେଣ୍ଡାଜୋଲ-କୃମି ନାଶକ ବଟିକା ଖାଇବାକୁ ଦିଆଯାଉଛି ଓ ଏହିଦିନ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଛି ।

୩୩. ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ: କୈଶୋର ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପରିସରକୁ ବିସ୍ତାରିତ କରି, ଏହି କାର୍ଯ୍ୟକ୍ରମରେ ପୁଷ୍ଟି,ମାନସିକ ସ୍ୱାସ୍ଥ୍ୟ, ମାଦକଦ୍ରବ୍ୟର ଅପବ୍ୟବହାର, ଆଘାତ ଏବଂ ହିଂସା, ଅଣସଂକ୍ରାମକ ରୋଗ, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଆଦି ୬ ଗୋଟି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟକୁ ପ୍ରାଥମିକତା ଦେଇ ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସମସ୍ତ କିଶୋର-କିଶୋରୀମାନଙ୍କୁ ବିନାମୂଲ୍ୟରେ ପରାମର୍ଶ ପ୍ରଦାନ ସହିତ ବିଦ୍ୟାଳୟ ସ୍ତରରେ ଦୁଇଜଣ ଶିକ୍ଷକଙ୍କୁ 'ସ୍ୱାସ୍ଥ୍ୟ ଓ ଆରୋଗ୍ୟ ରାଜଦୂତ' ଭାବେ ଚିହ୍ନଟ କରାଯାଇଛି ଯେଉଁମାନେ ବିଦ୍ୟାଳୟ ସ୍ତରରେ ପରାମର୍ଶ ପ୍ରଦାନ କରୁଛନ୍ତି । ୧୦ ବର୍ଷରୁ ରୁ ୧୯ ବର୍ଷ ବୟସର ସମସ୍ତ କିଶୋର-କିଶୋରୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ପ୍ରାଥମିକତା ଦିଆଯାଇଛି ।

୩୪. ପରିବାର ନିୟୋଜନ: ଅନିଚ୍ଛାକୃତ ଗର୍ଭଧାରଣକୁ ରୋକିବା ନିମନ୍ତେ ସରକାର ସମସ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ସମସ୍ତ ହିତାଧିକାରୀମାନଙ୍କୁ ବିଭିନ୍ନ ପ୍ରକାର ପରିବାର ନିୟୋଜନ ସମାଗ୍ରୀ ଯୋଗାଇ ଦିଆଯିବା ସହିତ ପରିବାର ନିୟୋଜନ ନିମନ୍ତେ ସଂପ୍ରତି 'ଅନ୍ତରା' ଇଂଜେକ୍ସନ ପ୍ରଦାନ କରାଯାଉଛି । ଛାୟା ନାମକ ନନ ହରମୋନାଲ ବଟିକା, ସହିତ କଣ୍ଡୋମ, ଗର୍ଭନିରୋଧକ ବଟିକା, ଜରୁରୀକାଳୀନ ଗର୍ଭନିରୋଧ ବଟିକା ଇତ୍ୟାଦି ପରିବାର କଲ୍ୟାଣ ସାମଗ୍ରୀ ଆଶାଙ୍କ ଜରିଆରେ ସୋସିଆଲ ମାର୍କେଟିଂ ଜରିଆରେ ଗାଁ ଗାଁରେ ଯୋଗାଇ ଦେଉଛନ୍ତି । ଆଶାଙ୍କ ପାଖରେ ଉପଲବ୍ଧ ନିଶ୍ଚୟ କିଟ୍ ଜରିଆରେ ଗର୍ଭଧାରଣ ହୋଇଛି କି ନାହିଁ ଜଣାପଡିବାର ବ୍ୟବସ୍ଥା କରାଯାଇଛି । ସନ୍ତାନ ଜନ୍ମରେ ୫ରୁ ୧୦ ବର୍ଷ ବ୍ୟବଧାନ ନିମନ୍ତେ ଇଚ୍ଛୁକ ଦମ୍ପତିଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ଆଇ.ୟୁ.ସି.ଡି.ଓ ପିପିଆଇ.ୟୁ.ସି.ଡି. ପ୍ରଦାନ ତଥା ପରିବାର ନିୟୋଜନ ନିମନ୍ତେ ସ୍ଥାୟୀ ଅସ୍ତ୍ରୋପଚାର ଭଳି ସେବା ବିନାମୂଲ୍ୟରେ ପ୍ରଦାନ କରାଯାଉଛି ।

୩୫. ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ: ଏହି କାର୍ଯ୍ୟକ୍ରମ ଅଧିନରେ ସମସ୍ତ ଗର୍ଭବତୀ ମହିଳା ଦ୍ୱିତୀୟ କିମ୍ବା ତୃତୀୟ ତ୍ରୟମାସିକରେ ବିଶେଷଜ୍ଞଙ୍କ ପାଖରେ ନିଜର ଗର୍ଭାବସ୍ଥାର ପରୀକ୍ଷା କରାଇଥାନ୍ତି । ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ମାସ ୯ ତାରିଖରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ତଦୁର୍ଦ୍ଧ୍ୱ ସ୍ୱାସ୍ଥ୍ୟ କେନ୍ଦ୍ରରେ କରାଯାଇଥାଏ । ଏଠାରେ ଗର୍ଭବତୀଙ୍କର ରକ୍ତଚାପ, ଗର୍ଭର ଅବସ୍ଥା, ହିମୋଗ୍ଲୋବିନ୍, ପରିସ୍ରା ଇତ୍ୟାଦି ମାଗଣାରେ ପରୀକ୍ଷା ଓ ଅଲଟ୍ରାସାଉଣ୍ଡ କରାଯିବା ସହିତ ଆବଶ୍ୟକୀୟ ଔଷଧ ଓ ପରାମର୍ଶ ପ୍ରଦାନ କରାଯାଏ । ବିପଦଶଙ୍କୁଳ ଗର୍ଭବତୀଙ୍କୁ 'ରେଡ଼କାର୍ଡ' ପ୍ରଦାନ କରାଯାଏ । ଗର୍ଭବତୀ ମହିଳା ୧୮୦୦୧୮୦୧୧୦୪ ଦେୟମୁକ୍ତ ନମ୍ବରକୁ ଫୋନ୍ କରି ଏ ସମ୍ପର୍କରେ ଅଧିକ ସୂଚନା ପାଇପାରିବେ ।

୩୬. ଅଧିସ୍ୱୀକୃତ ସାମାଜିକ ସ୍ୱାସ୍ଥ୍ୟ ସହାୟିକା (ଆଶା): ଗାଁ ସ୍ତରରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ଲୋକଙ୍କ ନିକଟରେ ପହଚାଂଇବା ଉଦ୍ଦେଶ୍ୟରେ ପ୍ରତି ୧୦୦୦ ଜନସଂଖ୍ୟାରେ ଜଣେ ଲେଖାଏଁ ଓ ଦୁର୍ଗମ ଅଚଂଳଗୁଡିକରେ ଜନବସତି ଆଧାରରେ ଆଶାଙ୍କୁ ଚୟନ କରାଯାଇଛି । ସମ୍ପାଦିତ କାର୍ଯ୍ୟଦକ୍ଷତା ଅନୁସାରେ ଆଶାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି ।

୩୭. ଜାତୀୟ ଆମ୍ବୁଲାନ୍ସ ସେବା: ରାଜ୍ୟରେ ସମସ୍ତଙ୍କୁ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଭଳି ଜରୁରୀକାଳୀନ ସମୟର ମାଗଣା ଆମ୍ବୁଲାନ୍ସ ସେବା ଯୋଗାଇଦେବା ନିମନ୍ତେ ୧୦୮ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଓ ଗର୍ଭବତୀ ମା'ମାନଙ୍କୁ ସୁରକ୍ଷିତ ପ୍ରସବ ତଥା ଅସୁସ୍ଥ ଶିଶୁଙ୍କୁ ଡାକ୍ତରଖାନା ନେବା ପାଇଁ ୧୦୨ ଆମ୍ବୁଲାନ୍ସ ସେବା କାର୍ଯ୍ୟ କରୁଛି । ରୋଗୀଙ୍କୁ ଘରୁ ଡାକ୍ତରଖାନାକୁ ନେବା ଆଣିବା କରିବା ଆବଶ୍ୟକହେଲେ ଉଚ୍ଚତର ଡାକ୍ତରଖାନାକୁ ନେବା ଭଳି ସେବା ବିନାମୂଲ୍ୟରେ ପ୍ରଦାନ କରାଯାଉଛି ।

୩୮. ରାଷ୍ଟ୍ରୀୟ ମୋବାଇଲ୍ ମେଡିକାଲ ୟୁନିଟ୍ (ଏମ୍ଏମ୍ୟୁ) ସେବା: ଗ୍ରାମୀଣ ଅବହେଳିତ ଅଚଂଳରେ ବାସ କରୁଥିବା ଲୋକମାନଙ୍କ ନିକଟରେ ବିଭିନ୍ନ ସଂକ୍ରାମକ ଓ ଅଣ ସଂକ୍ରାମକ ରୋଗର ଚିକିତ୍ସା, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଏବଂ କେତେକ କ୍ଷେତ୍ରରେ ନିଦାନ ସେବା ପହଚାଂଇବା ପାଇଁ ଲକ୍ଷ୍ୟ ସ୍ଥିର ହୋଇଛି ।

୩୯. ଏନ୍ଏଚ୍ଏମ୍ ନିଃଶୁଳ୍କ ଔଷଧି ସେବା : ଏହି ବ୍ୟବସ୍ଥା ଜରିଆରେ ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ରରେ ଉଚ୍ଚମୂଲ୍ୟ ଯୁକ୍ତ ଔଷଧଗୁଡିକୁ ବିନାମୂଲ୍ୟରେ ଲୋକମାନଙ୍କୁ ଯୋଗାଇବା ସମ୍ଭବ ହେଉଛି । ଅତ୍ୟାବଶ୍ୟକ ଔଷଧଗୁଡିକୁ ମାଗଣାରେ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅନେକ ବ୍ୟବସ୍ଥିତ କାର୍ଯ୍ୟପ୍ରଣାଳୀ ଅନୁସରଣ କରାଯାଉଛି ।

୪୦. ନିଃଶୁଳ୍କ ନିଦାନ ସେବା: ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ସରକାରୀ ଅନୁମୋଦିତ ବେସରକାରୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣା ନିଦାନ ସେବା ପ୍ରଦାନ କରାଯାଉଛି । ଏହି ସେବା ଜରିଆରେ ରୋଗୀଙ୍କର ରୋଗ ନିରୂପଣ ନମିମନ୍ତେ ବିଭିନ୍ନ

ପ୍ରକାର ପରୀକ୍ଷା ମାଗଣାରେ କରାଯାଉଛି । ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ତରରେ ୭ଟି, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ୧୯ଟି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ୧୯ଟି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ୩୯ଟି ଓ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ସ୍ତରରେ ୫୭ଟି ପ୍ରକାରର ନିଦାନ ସେବା ଉପଲବ୍ଧ ଯେଉଁଥିରେ ସେରୋଲୋଜି, ଜୈବ ରସାୟନ, ରେଡିଓଲୋଜି ଓ କାର୍ଡିଓଲୋଜି ତାଲିକାଭୁକ୍ତ ଅଟେ ।

୪୧. ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଡାୟଲିସିସ୍ କାର୍ଯ୍ୟକ୍ରମ: ଏହି ଯୋଜନାରେ ସବୁ ଜିଲ୍ଲା ଡାକ୍ତରଖାନାମାନଙ୍କରେ ଗରିବ ଲୋକମାନଙ୍କୁ ମାଗଣାରେ ନିଃଶୁଳ୍କ ଡାୟାଲିସିସ୍ ସେବା ଯୋଗାଇ ଦିଆଯାଉଛି ।

୪୨. ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ: ମ୍ୟାଲେରିଆ ରୋଗୀର ତୁରନ୍ତ ରକ୍ତ ପରୀକ୍ଷା ଓ ଚିକିତ୍ସା ପାଇଁ ସମସ୍ତ ଗ୍ରାମରେ ଆଶା ଓ ଅନ୍ୟ ସ୍ୱେଚ୍ଛାସେବୀମାନଙ୍କୁ ରାପିଡ୍ ଡାଇଗ୍ନୋଷ୍ଟିକ୍ କିଟ୍ ଓ ଆଟିଂ ମ୍ୟାଲେରିଆ ଔଷଧ ଯଥା ଆର୍ଟିମିସିନିନ୍ କମ୍ବିନେସନ୍ ଥେରାପି (ଏସିଟି), କ୍ଲୋରୋକୁଇନ୍ ଓ ପ୍ରାଇମାକୁଇନ୍ ଆଦି ଯୋଗାଇ ଦିଆଯାଉଛି । ଏଥିସହିତ ରାଜ୍ୟରେ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ୧୭ଟି ଅତି ମ୍ୟାଲେରିଆ ପ୍ରବଣ ଜିଲ୍ଲାମାନଙ୍କରେ ସମସ୍ତ ପରିବାର ମାନଙ୍କୁ ମାଗଣାରେ ଔଷଧବୁଡା ମଶାରୀ ଯୋଗାଇ ଦିଆଯାଇଛି । ଏଥିସହିତ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗ ଯଥା ଡେଙ୍ଗୁ/ଚିକେନ୍‌ଗୁନିଆ, ଜାପାନୀ ଜ୍ୱର, ଫାଇଲେରିଆ ଇତ୍ୟାଦି ରୋଗର ନିରାକରଣ ନିମନ୍ତେ ସମସ୍ତ ପ୍ରକାର ସେବା ମାଗଣାରେ ଯୋଗାଇ ଦିଆଯାଉଛି ।

୪୩. **ପରିବର୍ତ୍ତିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ:** ରାଜ୍ୟରେ ଯକ୍ଷ୍ମା ରୋଗରୁ ହେଉଥିବା ମୃତ୍ୟୁ ଓ ବ୍ୟାଧିକୁ କମ୍ କରାଇବା ତଥା ସମସ୍ତ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରି ଚିକିତ୍ସା ପ୍ରଦାନ କରିବା ଏବଂ ଦେଶରୁ ଯକ୍ଷ୍ମାରୋଗକୁ ସମ୍ପୂର୍ଣ୍ଣ ଦୂର କରିବା ଏହାର ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ଅଧିନରେ ସମସ୍ତ ଯକ୍ଷ୍ମା ରୋଗୀଙ୍କୁ ସିବିଏନ୍ଏଏଟି ନିଦାନ ସେବା ଯୋଗାଇ ଦିଆଯାଉଛି । ଟିବିର ସମ୍ପୂର୍ଣ୍ଣ ଚିକିତ୍ସା କରିବା ପାଇଁ ଗୋଷ୍ଠୀ ସ୍ତରରେ ଔଷଧ ପ୍ରଦାନ କାରୀଙ୍କୁ ଚିହ୍ନଟ କରାଯାଇଛି । ଚଳିତ ବର୍ଷ ଠାରୁ ରୋଗୀମାନଙ୍କୁ ଚିକିତ୍ସା ସମୟରେ ମାସିକ ୫୦୦ଟଙ୍କାର ଆର୍ଥିକ ସହୟତା ପ୍ରଦାନ କରାଯାଉଛି ।

୪୪. ରାଷ୍ଟ୍ରୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ: ନୂତନ ରୋଗୀଙ୍କୁ ତୁରନ୍ତ ଚିହ୍ନଟ ଓ ଶୀଘ୍ର ଯାଂଚ କରାଯିବା ସହିତ ଚିକିତ୍ସା ନିମନ୍ତେ ପ୍ରାଥମିକ ସ୍ତରରେ ନିଦାନ ନିମନ୍ତେ ଗୁରୁତ୍ୱ ପ୍ରଦାନ କରଯାଉଛି । ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନରେ କୁଷ୍ଠ ସଂକ୍ରାନ୍ତୟ ସଚେତନତା ତଥା ଛାତ୍ରଛାତ୍ରୀମାନଙ୍କୁ କୁଷ୍ଠ ରୋଗ ବିଷୟରେ ସଚେତନ କରିବା ନିମନ୍ତେ ରାଜ୍ୟର ବିଦ୍ୟାଳୟ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । କୁଷ୍ଠ ରୋଗ ଜନିତ ଅକ୍ଷମ ବ୍ୟକ୍ତିଙ୍କର ପୁନଃକ୍ଷମ ଅସ୍ତ୍ରୋପଚାର କରାଯାଉଛି ।

୪୫. କର୍କଟ, ମଧୁମେହ, ହୃତପିଣ୍ଡ ଓ ଧମନୀ, ଷ୍ଟ୍ରୋକ ରୋଗ ନିରାକରଣ ନିମନ୍ତେ ଜାତୀୟ କାର୍ଯ୍ୟକ୍ରମ: କର୍କଟ, ମଧୁମେହ, ହୃତପିଣ୍ଡ ଓ ଧମନୀ , ଷ୍ଟ୍ରୋକ ଭଳି ବିଭନ୍ନ ପ୍ରକାର ଅଣସଂକ୍ରାମକ ରୋଗ ନିୟନ୍ତ୍ରଣ ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ୩୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ଉଚ୍ଚ ରକ୍ତଚାପ ମଧୁମେହ ଓ ମୁଖ ଗହ୍ୱର କର୍କଟ, ସ୍ତନ ଓ ଜରାୟୁ ମୁଖ ଗହ୍ୱର କର୍କଟ ଇତ୍ୟାଦି ନିୟମିତ ଭାବେ ମାଗଣାରେ ଯାଂଚ କରାଯାଉଛି ।

୪୬. ରାଷ୍ଟ୍ରୀୟ ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମ: ବ୍ୟାପକ ଭାବେ ଚକ୍ଷରୁ ଯତ୍ନ ସମ୍ପର୍କରେ ସଚେତନତା ସହିତ ଚକ୍ଷୁ ରୋଗର ଚିକିତ୍ସା ନିମନ୍ତେ ଉନ୍ନତ ମାନର ଉପକରଣ ଓ ପ୍ରଶିକ୍ଷିତ ମାନବ ସମ୍ବଳ ବ୍ୟବହାରରେ ଅନ୍ଧତ୍ୱ ବ୍ୟାପକତା ୨୦୨୦ ସୁଦ୍ଧା ୦.୩ ପ୍ରତିଶତକୁ ହ୍ରାସ ଏହାର ମୁଖ୍ୟ ଉଦ୍ଦେଶ୍ୟ। ବିନାମୂଲ୍ୟରେ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର, ବିଦ୍ୟାଳୟ ସ୍ତରରେ ଚକ୍ଷୁ ଯାଂଚ, ବିନାମୂଲ୍ୟରେ ରେଟିନୋପାଥି, ଗ୍ଲୁକୋମା, କମ୍ ଦେଖାଯିବା ଆଦିର ନିଦାନ ଓ ଚିକିତ୍ସା ତଥା ନୂଆ ଚକ୍ଷୁ ବ୍ୟାଙ୍କ ପାଇଁ ସହାୟତା ପ୍ରଦାନ କରଯାଉଛି ।

୪୭. ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ: ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯକ୍ରମ ୩୦ ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ସୂଚନା ଶିକ୍ଷା ଓ ସଂଚାର ଜରିଆରେ ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ବିଦ୍ୟାଳୟ ସ୍ତରରେ କରାଯାଉଛି । ତମାଖୁ ନିୟନ୍ତ୍ରଣ ଆଇନ୍ କାର୍ଯ୍ୟକାରୀ କରିବା ପାଇଁ ଗାଁ ସ୍ତରରେ ପଚାଂୟତି ରାଜ ବିଭାଗ ସହ ସମନ୍ୱୟ ଓ ଜିଲ୍ଲା ସ୍ତରରେ ଫାର୍ମାକୋଲୋଜି ଚିକିତ୍ସା ସୁବିଧା କେନ୍ଦ୍ର ସ୍ଥାପନ କରାଯାଇଛି ।

୪୮. **ଜାତୀୟ ବଧିରତା ନିରାକରଣ ଓ ନିୟନ୍ତ୍ରଣ କାର୍ଯ୍ୟକ୍ରମ:** ଜାତୀୟ ବଧିରତା ନିରାକରଣ ଏବଂ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଖୋର୍ଦ୍ଧା, ଗଂଜାମ, ଫୁଲବାଣୀ, କଟକ, କଳାହାଣ୍ଡି, ମୟୁରଭଞ୍ଜ ଜିଲ୍ଲା ରେ ଆରମ୍ଭ ହୋଇଅଛି । ୦-୧୮ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ, ରାଷ୍ଟ୍ରୀୟ

ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଉରଓଉ କେନ୍ଦ୍ରରେ ପରୀକ୍ଷା କରାଯାଉଅଛି । ଜିଲ୍ଲା ସ୍ତରରେ ଚକ୍ଷୁ, ନାଶା, ଗଳାର ଶଲ୍ୟ ଚିକିତ୍ସା ବିନାମୂଲ୍ୟରେ ଉପଲବ୍ଧ ହେଉଛି ।

୪୯. **ବୟସ୍କଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ଜାତୀୟ କାର୍ଯ୍ୟକ୍ରମ:** ବୟସ୍କଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ଜାତୀୟ କାର୍ଯ୍ୟକ୍ରମ ୮ଟି ଜିଲ୍ଲାରେ ଆରମ୍ଭ ହୋଇଅଛି ଏବଂ ଏହି ବର୍ଷ ସମସ୍ତ ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାର ଯୋଜନା ଅଛି । ୧୦ ଶଯ୍ୟା ବିଶିଷ୍ଟ ବାର୍ଦ୍ଧକ୍ୟ ୟୁନିଟ୍ କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ମାଲକାନାଗିରି ଏବଂ ବଲାଙ୍ଗୀରରେ କାର୍ଯ୍ୟକ୍ଷମ ଅଛି । ଉପରୋକ୍ତ ଜିଲ୍ଲାମାନଙ୍କରେ ସମନ୍ୱିତ ବାର୍ଦ୍ଧକ୍ୟ OPD, ପୃଥକ ବନ୍ଧୁତାପୂର୍ଣ୍ଣ କେନ୍ଦ୍ର ଏବଂଭୌତିକ ଚିକିତ୍ସା କେନ୍ଦ୍ର (ଫିଜିଓଥେରାପି ୟୁନିଟ୍) କାର୍ଯ୍ୟକ୍ଷମ ଅଛି ।

୫୦. **ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ:** ରାଜ୍ୟର ୩୦ଟି ଜିଲ୍ଲାରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମରେ ରୋଗ ଚିହ୍ନଟ ସହିତ ମାଗଣା ପରାମର୍ଶ ଓ ଔଷଧ ମେଡିକାଲ ଅଫିସର ମାନଙ୍କ ଦକ୍ଷତା ବୃଦ୍ଧି ପାରାମେଡିକ୍ସ,ଆଶାମାନଙ୍କୁ ତାଲିମ ପ୍ରଦାନ, ଡିଷ୍ଟ୍ରିକ୍ଟ କ୍ରାଇସିସି ସେଟଂର ବା ହେଲ୍ପ ଡେସ୍କ ପ୍ରତିଷ୍ଠା କରାଯାଇଛି, ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ରୋଗୀଙ୍କୁ ଚିକିତ୍ସା, ମାନସିକ ରୋଗ ଚିହ୍ନଟ ଓ ଫଲୋଅପ୍, ଉଚ୍ଚସ୍ତରୀୟ ଡାକ୍ତରଖାନାକୁ ପ୍ରେରଣ, ମାନସିକ ରୋଗୀ ଚିହ୍ନଟ କ୍ୟାମ୍ପ ମାନସିକ ରୋଗୀଙ୍କର ଚିହ୍ନଟୀକରଣ କରାଯାଉଛି ।

**୫୧. ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ:**

କ.ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର: ସ୍ୱାସ୍ଥ୍ୟ ସେବା ସୁବିଧାକୁ ବ୍ୟାପକ କରିବା ନିମନ୍ତେ ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ଉନ୍ନତି କରଣ କରି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ କରିବା ପାଇଁ ପର୍ଯ୍ୟାୟକ୍ରମେ ସହାୟତା ପ୍ରଦାନ କରାଯାଉଛି । ଏଠାରେ ପ୍ରଜନନ, ମାତୃତ୍ୱ ଶିଶୁ ଓ କିଶୋର ସମ୍ବଳିତ, ସଂକ୍ରାମକ ଓ ଅଣସଂକ୍ରାମକ ରୋଗ, ଆଖି, ନାକ, କାନ ଗଳା, ଦାନ୍ତ, ମାନସିକ, ବୟସ୍କମାନଙ୍କ ଚିକିତ୍ସା ସେବା ଭଳି ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବ ।

ଖ. ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସଂରକ୍ଷଣ ମିଶନ୍: ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସଂରକ୍ଷଣ ମିଶନ ନିକଟରେ ଆରମ୍ଭ ହେବାକୁ ଯାଉଛି । ଏହିକାର୍ଯ୍ୟକ୍ରମରେ ୧୦.୭୪ କୋଟି ପରିବାର ମାଗଣାରେ ଚିକିତ୍ସା ସେବା ବ୍ୟବହାର କରିପାରିବେ । ସାମାଜିକ, ଆର୍ଥିକ, ଜାତିଗତ ଜନଗଣନା ଇତ୍ୟାଦି ଆଧାରରେ ଏହାର ହିତାଧିକାରୀମାନଙ୍କୁ ନିର୍ଦ୍ଧାରଣ କରାଯିବ । ଏହି ଯୋଜନାରେ ପ୍ରାୟ ୫୦ କୋଟି ବ୍ୟକ୍ତିଙ୍କୁ ସାମିଲ କରାଯିବ । ପ୍ରତ୍ୟେକ ପରିବାରକୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉଛି ।